**ଢେଙ୍କାନାଳରେ 'ନୂଆ-ଓ' ଉତ୍ସବ**

# 'କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର'










**ଢେଙ୍କାନାଳ, ୧।୨(ସମିସ)**

ଢେଙ୍କାନାଳ ସହରର ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ଠାରେ 'ନୂଆ-ଓ' ଏବଂ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏହି ଉତ୍ସବରେ ଯୋଗଦେଇ କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର ବୋଲି କହିଛନ୍ତି। ପାର୍ଥୀବ ଶରୀର ହେଉଛି ଭଗବାନଙ୍କ ଦାନ। ଶରୀରକୁ ସୁସ୍ଥ ରଖିବା ପାଇଁ ନିୟମିତ ଭାବେ ବ୍ୟାୟାମ ଏବଂ ୧୫ ମିନିଟ୍ ଧ୍ୟାନ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଶରୀର ଫିଟ୍ ରହିବା ସହିତ ମସ୍ତିଷ୍କ ଶାନ୍ତ ରହିବ। ବୁଦ୍ଧିମତା ଏବଂ ଶୃଜନଶୀଳତାର ବିକାଶ ଘଟିବ। ଉଜ୍ୱଳ ଭବିଷ୍ୟତ ପାଇଁ ପ୍ରତ୍ୟେକ କାର୍ଯ୍ୟ ଧ୍ୟାନ ସହିତ କରିବା ପାଇଁ ପିଲାମାନଙ୍କୁ ସେ କହିଛନ୍ତି। ନିଜର ଲକ୍ଷ୍ୟ ହାସଲ ପାଇଁ ପ୍ରତିଦିନ ଅନ୍ୟୁନ ୧୪ ଘଣ୍ଟା ପରିଶ୍ରମ କରିବାକୁ କହିଛନ୍ତି। ପିତାମାତା ଏବଂ ଗୁରୁଙ୍କୁ ସମ୍ମାନ ପ୍ରଦାନ କରି ସେମାନଙ୍କଠାରୁ ଆଶୀର୍ବାଦ ପାଇଁ ନିଜର ଲକ୍ଷ୍ୟ ପୂରଣ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସେ ପ୍ରକାଶ କରିଛନ୍ତି। ଛାତ୍ରାବସ୍ଥାରେ ୫ବର୍ଷ କଠିନ ପରିଶ୍ରମ କଲେ ଆଗାମୀ ୫୦ ବର୍ଷ ସୁଖମୟ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜୀବନରେ ସଫଳତା ଶୀର୍ଷରେ ପହଞ୍ଚିବାକୁ ହେଲେ ନିଜକୁ ହିଁ ପ୍ରୟାସ କରିବାକୁ ପଡ଼ିବ। ଆତ୍ମ ବିଶ୍ୱାସର ସହ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତେ ଉଦ୍ୟମ କରିବାକୁ ସେ ପ୍ରକାଶ କରିଛନ୍ତି।

ଢେଙ୍କାନାଳ ଜିଲ୍ଲା ସମସ୍ତ କ୍ଷେତ୍ରରେ ଆଗୁଆ ଅଛି। ଛାତ୍ରଛାତ୍ରୀମାନେ ଆତ୍ମ ସମୀକ୍ଷା କରି ନିଜକୁ ଗଢି ତୋଳିବା ସହ ନୂଆ ଓଡ଼ିଶା ଗଠନ ନିମନ୍ତେ ଆଗେଇ ଆସିବାକୁ ସେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ୍ ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିବା ସହ ସେଲ୍ଫି ନେଇଥିଲେ ଏବଂ ଅଟୋଗ୍ରାଫ୍ ମଧ୍ୟ ଦେଇଥିଲେ। ଏହି ଅବସରରେ ପ୍ରାରମ୍ଭରେ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପଭୋଗ କରିଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମ ଉପଲକ୍ଷେ ପୂର୍ବରୁ ମହାବିଦ୍ୟାଳୟଗୁଡିକରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍ପି ମଡକର ସନ୍ଦୀପ ସମ୍ପଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପୁରସ୍କୃତ କରିଥିଲେ। ଏହି ଉତ୍ସବରେ ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦ, କାମାକ୍ଷାନଗର ଉପ-ଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ହିନ୍ଦୋଳ ଉପ-ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ଶତପଥୀ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଅବନୀ କୁମାର ମିଶ୍ରଙ୍କ ସମେତ ପୁଲିସ୍ କର୍ମକର୍ତ୍ତା, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**କଙ୍କଡ଼ାହାଡ଼, ୧।୨(ସମିସ) :** କଙ୍କଡ଼ାହାଡ଼ ବ୍ଲକର ମହାବିରୋଡ଼ ସ୍ଥିତ ପିବିଏମ ଉଚ୍ଚ ବିଦ୍ୟାଳୟରେ ଯୁକ୍ତଦୁଇ କଳା ବିଜ୍ଞାନ ଶିକ୍ଷାର ପ୍ରଥମ ବର୍ଷର ଛାତ୍ରୀଙ୍କ ପାଇଁ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ରମାନାଥ ପଣ୍ଡା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ରବି ନାରାୟଣ ସାହୁ ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ମୋନାଲିସା ସାହୁ, ଅଧ୍ୟାପକ ନରସିଂହ ତ୍ରିପାଠୀ, ଅଧ୍ୟାପକ ଅଶ୍ୱିନୀ ମହାପାତ୍ର, ଅଧ୍ୟାପିକା ଭାଗ୍ୟ ଲକ୍ଷ୍ମୀ ବାରିକ ଓ ଅଭୟ କୁମାର ସାହୁ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଭାବେ ଲକି ବିଶ୍ୱାଳ ଓ ରଶ୍ମିତା ସାମଲ ୧୮୧ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଏକତାଳି ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ଭୁବନ,୧।୨(ସମିସ):** ଭୁବନ ବ୍ଲକ ଏକତାଳି ପଞ୍ଚାୟତ ଅନ୍ତର୍ଗତ ଦୁର୍ଗାଛକ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଝିଲ୍ଲୀପ୍ରଭା ବେହେରାଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ଯୋଗଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ସରୋଜିନୀ ଦ୍ୱିବେଦୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଅନ୍ୟତମ ଅତିଥି ଜିଲ୍ଲା ସମ୍ପାଦକ ଅମୂଲ୍ୟ କୁମାର ଦ୍ୱିବେଦୀ, ସମାଜ ସେବୀ ନନ୍ଦ କିଶୋର ବେହେରା, ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ଦିଲ୍ଲୀପ ରାଉତ ବିଭିନ୍ନ ମତାମତ ଦେଇଥିଲେ। ଅଙ୍ଗନବାଡ଼ି, କୃଷି, ଉଦ୍ୟାନ ଶିକ୍ଷା, ଶିଶୁ ବିକାଶ ସହ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଷ୍ଟଲ୍ ହୋଇଥିଲା। ନୋଡାଲ ଅଧିକାରୀ ରଞ୍ଜନ କୁମାର ରାଉତ, ନିର୍ବାହୀ ଅଧିକାରୀ ପଙ୍କଜ କୁମାର ମହାଳିକ, ଗ୍ରାମ ରୋଜଗାର ସେବକ ସଂଯୁକ୍ତ ପୋଥାଳ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁ ଯୋଗ ଦେଇଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ସଚେତନତା ଶିବିର



**ଗଁଦିଆ, ୧।୨ (ସମିସ) :** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଆଜି ଗଁଦିଆ ବ୍ଲକର ଗଁଦିଆ ଗ୍ରାମପଞ୍ଚାୟତରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରପଞ୍ଚ ସୁଲୋଚନା ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ଯୋରନ୍ଦା ଗ୍ରାମପଞ୍ଚାୟତର ସରପଞ୍ଚ ଆରତୀ ନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ବ୍ଲକ ପ୍ରତିନିଧି ନିରାକାର ରାଉତ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ଗଁଦିଆ ବ୍ଲକ କୃଷି ଅଧିକାରୀ ଶୁଭ୍ରାଂଶୁ ମହନ୍ତ ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ ଯୋଜନାରେ ଗଁଦିଆ ଗ୍ରାମପଞ୍ଚାୟତରେ ୧୨ ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର, ୧୧୭୪ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନାର୍ଭୁକ୍ତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଏକଟି ପ୍ରକଳ୍ପ ପାଇଁ ଚାରି ଲକ୍ଷ ଟଙ୍କା, ୪୭୭ ପରିବାର କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ସାମାଜିକ ସୁରକ୍ଷା ଲାଗି ୫୩୭ ହିତାଧିକାରୀଙ୍କୁ ଭତ୍ତା, ୭୬ ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ମୋଟ ୨୨୮ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ୧୧୮ ପରିବାରକୁ ରେସନ କାର୍ଡ, ୨୩୬ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା ଲାଗି ନିଷ୍ପତ୍ତି ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ବାରିକ ପରିଚାଳନା କରିଥିଲେ।

## 'ନୂଆ-ଓ' ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ମହାବିରୋଡ଼, ୧।୨ (ସମିସ) :** କଙ୍କଡାହାଡ଼ ବ୍ଲକ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିରାଶାଳରେ ନୂଆ-ଓ କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଉଦଯାପନ ଉତ୍ସବ ଅନୁଷ୍ଠାନ ଅଧ୍ୟକ୍ଷ ପ୍ୟାରୀମୋହନ ଖିଲାରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ପୁରୀର ବିଶିଷ୍ଟ ପ୍ରବଚକ ପଣ୍ଡିତ ସୁକଦେବ ପଣ୍ଡା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ତ୍ରିପାଠୀ ଯୋଗଦେଇଥିଲେ। ଓଡ଼ିଶା ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗି ମାନଙ୍କୁ ଅତିଥିମାନେ ପୁରସ୍କାର ଓ ମାନ ପତ୍ର ଦେଇଥିଲେ। ଅଧ୍ୟାପିକା ତଥା ନୋଡାଲ ଅଧିକାରୀ ସ୍ୱର୍ଣ୍ଣଲକ୍ଷ୍ମୀ ସାହୁ ସଭା ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଜ୍ୟୋତିରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଡାଏଲିସିସ୍ କେନ୍ଦ୍ରର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



**କାମାକ୍ଷାନଗର, ୧।୨ (ସମିସ) :** ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ସରକାର ନେଇଛନ୍ତି ଅନେକ ପଦକ୍ଷେପ। ସାରା ରାଜ୍ୟରେ ଯେପରି ସାଧାରଣ ଲୋକ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବା ପାଇପାରିବେ, ସେ ନେଇ ଆଜିଠାରୁ ରାଜ୍ୟର ବିଭିନ୍ନ ଉପ ଜିଲ୍ଲା ଚିକିତ୍ସାଳୟରେ ନିଃଶୁଳ୍କ ଡାଏଲିସିସ୍ କେନ୍ଦ୍ର ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହି କ୍ରମରେ ଆଜି କାମାକ୍ଷାନଗର ଉପ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଡାଏଲିସିସ୍ କେନ୍ଦ୍ରର ଉଦଘାଟନ ହୋଇଯାଇଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ଠାରେ ଥିବା ସଭାଗୃହ ଠାରେ ଏନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଦିଗମ୍ବର ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସିଦ୍ଧାର୍ଥ ବେଉରା, ମିଥୁନ ମେହେର, ପରିଚାଳିକା ରଶ୍ମିରେଖା ସାମଲ, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପାରାମେଡିକାଲ ଷ୍ଟାଫ ଉପସ୍ଥିତ ଥିଲେ।

## ୯ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଭୁବନ, ୧।୨(ସମିସ):** ଓଡ଼ିଶାରେ ଆରମ୍ଭ ହୋଇଛି ଶିକ୍ଷାର ଉତ୍ସବ। ଶିକ୍ଷାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ସହ ବ୍ୟବସ୍ଥାରେ ନୂଆ ବିପ୍ଳବ ଆଣିବାକୁ ୫- ଟି ଉପକ୍ରମରେ ଅଭିନବ ପ୍ରୟାସ କରାଯାଇଛି। ପ୍ରଥମ ଥର ପାଇଁ ଜିଲ୍ଲା, ବ୍ଲକ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟିକୁ ଅନ୍ତର୍ଭୁକ୍ତ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଭୁବନରେ ୯ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ରଣା, ବିଜ୍ଞାନ ଶିକ୍ଷୟିତ୍ରୀ ନମିତା ମହାନ୍ତି, ଛାତ୍ରୀ ବର୍ଷାରାଣୀ ପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ପୋଥାଳ, ଭୁବନ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁ, ଶାରୀରିକ କ୍ରୀଡ଼ା ଶିକ୍ଷକ ସାଗର ରାଉତ, ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟ ଇଂରାଜୀ ଶିକ୍ଷକ ଦୁଷ୍ମନ୍ତ ମହାରଣା, କୃତୀ ଛାତ୍ର ମୋକ୍ଷ ରଞ୍ଜନ ସାହୁ ଏବଂ ଆଲୋକ ପୃଷ୍ଟିଙ୍କୁ କଳିଙ୍ଗ ଷ୍ଟାଡିୟମ୍ ପରିସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିବା ପରେ ବ୍ଲକ ଶିକ୍ଷାଧିକାରୀ ଅଦ୍ୱୈତ କୁମାର ସାମଲ ସମାସ୍ତଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

**ହିନ୍ଦୋଳ ବ୍ଲକ୍ ଯୋଗାଣ ବିଭାଗରେ ଦୁର୍ନୀତି ଘଟଣା**

# ୫ ମାସ ପରେ ବି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

**ହିନ୍ଦୋଳ, ୧।୨(ସମିସ)**

ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ଯୋଗାଣ ବିଭାଗରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଦ୍ୱାରା ଖାଦ୍ୟ ସୁରକ୍ଷା ଯୋଜନା କରାଯାଇ ଲୋକଙ୍କୁ ମାଗଣାରେ ୫ କିଲୋ ଚାଉଳ ଯୋଗାଇ ଦିଆଯାଉଛି। ହେଲେ

**● ଅଭିଯୋଗକାରୀ ଡିଲରଙ୍କ ମୁହଁ ବନ୍ଦ କରିବାକୁ ଅଚାନକ ଚଢ଼ଉ**



କେତେକ ଅସାଧୁ ବିଭାଗୀୟ ଅଧିକାରୀଙ୍କ ଅର୍ଥ ପିପାସୁ ମନୋବୃତ୍ତି ପାଇଁ ଏହି ଖାଦ୍ୟ ସୁରକ୍ଷା ଯୋଜନାରୁ ସଠିକ ଭାବେ ଚାଉଳ ହିତାଧିକାରୀ ପାଇପାରୁ ନଥିବା ଦେଖିବାକୁ ମିଳିଛି। ଖୋଦ ହିନ୍ଦୋଳ ଯୋଗାଣ ଅଧିକାରୀ ଦୁର୍ନୀତିରେ ଲିପ୍ତ ଦର୍ଶାଇ ହିନ୍ଦୋଳ ଡିଲର ସଂଘ ପକ୍ଷରୁ ୫ ମାସ ହେବ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ରାଜନେତା ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ। ଉପଖଣ୍ଡରେ ନୂତନ ଡିଲର ନିଯୁକ୍ତି ପାଇଁ ମୋଟା ଅଙ୍କର ଟଙ୍କା ଆଦାୟ, ମାସିକିଆ ବଟି ଦେଉ ନଥିବା ଡିଲରଙ୍କୁ ନାନା ହଇରାଣ କରି ଜୋରଜବର ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହୋଇଛି। ହିନ୍ଦୋଳ ଡିଲର ସଂଘ ପକ୍ଷରୁ ହିନ୍ଦୋଳ ଉପଜିଲ୍ଲାପାଳ, ଜିଲ୍ଲାପାଳ ଢେଙ୍କାନାଳ, ଓ ୫-ଟି ସଚିବଙ୍କୁ ଏ ନେଇ ଲିଖିତ ଅଭିଯୋଗ କରାଯାଇଥିଲା। ହେଲେ ୫ ମାସ ବିତିଯାଇଥିଲେ ମଧ୍ୟ ଯୋଗାଣ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ କି ତଦନ୍ତ କରାଗଲା ନାହିଁ, କେବଳ ଦୁର୍ନୀତିକୁ ଘୋଡାଇବା ପାଇଁ ଜଣେ ସହକାରୀ ଯୋଗାଣ ଅଧିକାରୀ ନିଯୁକ୍ତି କରାଗଲା। ଏବେ ସହକାରୀ ଯୋଗାଣ ଅଧିକାରୀ ଅଭିଯୋଗକାରୀ ଡିଲରଙ୍କ ମୁହଁ ବନ୍ଦକରିବା ପାଇଁ ସେମାନଙ୍କ ସେଣ୍ଟରକୁ ଅଚାନକ ଚଢ଼ଉ କରିକରିବା ସହିତ ବିଭିନ୍ନ ପ୍ରକାର ଭୟଭୀତ କରୁଥିବା ଅଭିଯୋଗ ହୋଇଛି। ଏଠାରେ ପ୍ରଶ୍ନ ଉଠେ ଦୁର୍ନୀତିରେ ଲିପ୍ତଥିବା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ତ ଦୂରର କଥା, ତଦନ୍ତ ନହେବା ବିଭାଗୀୟ ପରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲ୍ଲା ଯୋଗାଣ ଅଧିକାରୀ ବସନ୍ତ ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, କିଛିଦିନ ପୂର୍ବରୁ ହିନ୍ଦୋଳ ସହକାରୀ ଯୋଗାଣ ଅଧିକାରୀଙ୍କ ବିରୁଦ୍ଧରେ ହିନ୍ଦୋଳ ଡିଲର ସଂଘ ପକ୍ଷରୁ ଅଭିଯୋଗ ପାଇଛୁ। ତଦନ୍ତ ଦାୟିତ୍ୱ ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦିଆଯାଇଥିଲା। ହେଲେ ସଠିକ ସମୟରେ ତଦନ୍ତ ରିପୋଟ ଆସିନଥିବାରୁ ଏବେ ଆମ ବିଭାଗ ଦ୍ୱାରା ଏହାର ତଦନ୍ତ ଚାଲିଛି। ଖୁବଶୀଘ୍ର ସତ୍ୟାସତ୍ୟ ଜଣାପଡ଼ିବ ଓ ଦୁର୍ନୀତିରେ ଲିପ୍ତଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

# ୯ ୬୩ ଜଣଙ୍କୁ ୪.୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ

ଜଗତସିଂହପୁର, ୧୨(ସମିସ):

ଜିଲ୍ଲା ଶ୍ରମ କାର୍ଯ୍ୟାଳୟଠାରେ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତଥା ଶ୍ରମ ଓ କର୍ମଚାରୀ, ରାଜ୍ୟବୀମା ବିଭାଗ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୬୩ ଜଣ ହିତାଧିକାରୀଙ୍କୁ ୪, ୪୦, ୫୨, ୦୦୦ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ମୁଖ୍ୟ ସଚେତକ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ନିର୍ମାଣ ଶ୍ରମିକ ମାନଙ୍କୁ ଦେଶ ତଥା ରାଜ୍ୟର ପ୍ରଗତିର ସୂତ୍ରଧର ବୋଲି ସମ୍ବୋଧନ କରି ସେମାନଙ୍କ ଯୋଗୁଁ ଉନ୍ନତିର ପରିବର୍ତ୍ତିତ ରୂପରେଖ ସମସ୍ତଙ୍କ ସାମନାରେ ପ୍ରଦର୍ଶିତ ହୋଇପାରିଛି ବୋଲି କହିଥିଲେ। ସେମାନଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସେମାନଙ୍କୁ ଅବଗତ




ତଥା ସଚେତନ କରାଇବା ପାଇଁ ଶ୍ରୀ ମୁଦୁଲି ଜିଲ୍ଲା ଶ୍ରମ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବିଶେଷ କରି ମହିଳା ମାନଙ୍କୁ ସମସ୍ତ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ସଚେତନ କରିବା ପାଇଁ କହିଥିଲେ ବିଧାୟକ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ ଉପସ୍ଥିତ ସମସ୍ତ ଶ୍ରମିକ ଭାଇ ଭଉଣୀମାନଙ୍କୁ ଶ୍ରମକାର୍ଡ କରିବା ସହ ପ୍ରତିବର୍ଷ ମାତ୍ର ୫୦ ଟଙ୍କା ବିନିମୟରେ, ଯେ କୌଣସି ମୋ' ସେବା କେନ୍ଦ୍ରକୁ ଯାଇ କାର୍ଡର ନବୀକରଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ମୁନିସିପାଲିଟିର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା କନକ ପ୍ରଭା ଲେଙ୍କା, ଜଗତସିଂହପୁର ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ଶ୍ରମ ଓ ଶ୍ରମିକର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଯୋଜନାର ନିଜେ ଲାଭ ଉଠାଇବା ସହ ଅନ୍ୟ ମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଉପସ୍ଥିତ ଶ୍ରମିକମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

ଏହି ଶିବିରରେ ଜଗତସିଂହପୁର ବ୍ଲକର ୯୬୩ ଜଣ ହିତାଧିକାରୀଙ୍କୁ ଶିକ୍ଷା ବୃତ୍ତି, ବିବାହ ସହାୟତା, ପ୍ରସୂତୀ କାଳୀନ ସହାୟତା, ମୃତ୍ୟୁ ଓ ଅନ୍ତେଷ୍ଟି କ୍ରିୟା ସହାୟତା ରାଶି ବାବଦରେ ମୋଟ ୪, ୪୦, ୫୨, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କାଳନ୍ଦୀ ବେହେରା, ସଞ୍ଜୟ କୁମାର ଦାସ, ରତ୍ନାକର ମଲ୍ଲିକ ଓ ମାଳତୀ ମାଇତିଙ୍କୁ ବିବାହ ସହାୟତା ବାବଦରେ ୫୦, ୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଶିକ୍ଷା ବୃତ୍ତି ବାବଦରେ ପ୍ରତାପ ରାଉତଙ୍କୁ ୭୦୦୦ଟଙ୍କା, ସୁଦର୍ଶନ ରାଉତଙ୍କୁ ୮୪୦୦ ଟଙ୍କା ଓ ପ୍ରଫୁଲ୍ଲ ନାୟକଙ୍କୁ ୧୨୦୦୦ ଟଙ୍କା, ମୃତ୍ୟୁ ଓ ଅନ୍ତେଷ୍ଟିକ୍ରିୟା ସହାୟତା ନିମନ୍ତେ ବନଲତା ମହାନ୍ତି, ଅକ୍ଷୟ ବେହେରା, ପ୍ରଭାତୀ ବେହେରା ଙ୍କୁ ୨, ୦୫, ୦୦୦ ଟଙ୍କା ଓ ପ୍ରସୂତୀ କାଳୀନ ସହାୟତା ଭାବେ ମୀନତି ବେହେରାଙ୍କୁ ୧୦, ୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ବିଭାଗୀୟ ଶ୍ରମ ଆୟୁକ୍ତ ବାବା ଆନନ୍ଦ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେବାସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସହାୟକ ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

■ ଜାତୀୟ କୁଷ୍ଠ ନିରାକରଣ ଦିବସ ପାଳିତ

## 'ସଅଳ ଚିକିତ୍ସା ବିକଳାଙ୍ଗରୁ ରକ୍ଷା କରିଥାଏ'

ଜଗତସିଂହପୁର, ୧୨(ସମସି): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜାତୀୟ କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରି ଡା. କ୍ଷେତ୍ରବାସି ଦାଶ ଏହି ଦିବସର ଅବସରରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲା। କୁଷ୍ଠରୋଗ ସମ୍ପର୍କରେ ବିଭିନ୍ନ ସ୍ୱାସ୍ଥ୍ୟବାର୍ତ୍ତା ଏହି ଶୋଭାଯାତ୍ରା ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ସେହିପରି ଏକ ପଥପ୍ରାନ୍ତ ନାଟକ ମାଧ୍ୟମରେ କୁଷ୍ଠ ରୋଗ ନିରାକରଣର ସଚେତନତା ସୃଷ୍ଟି କରାଯାଇଥିଲା। ପରେ ଏକ ସଭା ମହିମା ସ୍କୁଲ ଅଫ ନର୍ସିଂ ଓ ନାରାୟଣୀ ସ୍କୁଲ ଅଫ ନର୍ସିଂ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନେଇ ଆୟୋଜିତ ହୋଇଥିଲା। କୁଷ୍ଠ ରୋଗ ଆରୋଗ୍ୟସାଧ୍ୟ। ଏହାର ଚିକିତ୍ସା ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ। ସହଳ ଚିକିତ୍ସା ବିକଳାଙ୍ଗରୁ ରକ୍ଷା କରିଥାଏ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. ବସନ୍ତ କୁମାର ବାରିକ, ଡ଼ା. ପ୍ରମୋଦ କୁମାର ବାରିକ, ଡ଼ା. ରଶ୍ମିରଞ୍ଜନ ପଟ୍ଟନାୟକ, ଡ଼ା. ଅଜୟ କୁମାର ସ୍ୱାଇଁ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା, ସୁକାନ୍ତ ପ୍ରଧାନ, ପ୍ରତାପ କୁମାର ବେହେରା ଓ ହେମନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୩ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଜଗତସିଂହପୁର, ୧୨(ସମସି): ଜଗତସିଂହପୁର ଥାନା ଅନ୍ତର୍ଗତ ମଲ୍ଲୁରାଇ ଛକରୁ ଅବକାରୀ ପୁଲିସ ଚଢଉ କରି ୧୨୩ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଏଥିରେ ସମ୍ପୃକ୍ତ ସୁରେଶ ସ୍ୱାଇଁଙ୍କୁ ଗିରଫ କରାଯାଇଛି। ଏହାସହ ତାଙ୍କ ନିକଟରୁ ନଗଦ ୧୩, ୨୭୦ ଟଙ୍କା ଓ ସେ ବ୍ୟବହୃତ କରୁଥିବା ଏକ ବାଇକ ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗର ମୂଲ୍ୟ ୧୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ନିକଟରୁ ସୂଚନା ଦିଆଯାଇଛି।

## ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ

ରଘୁନାଥପୁର, ୧୨(ସମିସ): ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପା ନନ୍ଦ ଡିଗ୍ରୀ ମହାବିଦ୍ୟାଳୟ ରେ ନୂଆ ଓଡ଼ିଶା ନବୀନ ଓଡ଼ିଶା ମାର୍ଗଦର୍ଶିକା ଅନୁସାରେ ଓଡିଆ କବିତାପାଠ ପ୍ରତିଯୋଗିତ. ଓଡିଆ ବକ୍ତୃତା, ଓଡିଆ କଳା ସଂସ୍କୃତି ଇତିହାସ ଓ ଜଗନ୍ନାଥଙ୍କ ସମ୍ବନ୍ଧରେ ଆଲୋଚନା କାର୍ଯ୍ୟକ୍ରମମାନ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣରେ ଅନୁଷ୍ଠିତ ହେଉଛି। ଅଧ୍ୟକ୍ଷ ଦୟାନିଧି ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୂଲ୍ୟାୟନକାରୀଭାବେ ଶିକ୍ଷାବିତ ଦୁର୍ଗାଚରଣ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ଭାବେ ଅନୁଷ୍ଠିତ ହେଉଛି। ଆସନ୍ତା ସୋମବାର ଦିନ ଏହାର ଉଦ୍‌ଯାପନ କାର୍ଯ୍ୟକ୍ରମ ବିଶିଷ୍ଟ ଅତିଥି ମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟ ର ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

### ମରଣଯନ୍ତା ପାଲଟିଛି କଟକ-ପାରାଦୀପ ରାସ୍ତା

## ଗଛରେ ପିଟିହେଲା ବାଇକ୍; ଚାଳକ ମୃତ

ପାରାଦୀପ/କୁଜଙ୍ଗ, ୧୨(ସମିସ): ରାଜ୍ୟରେ କଟକ ପାରାଦୀପ ରାସ୍ତା କଂକ୍ରିଟ ହୋଇଛି। ଏହି ରାସ୍ତା ବିକାଶ ର ଗାଥା ଗାଉ ଥିବା ବେଳେ ପ୍ରତ୍ୟହ ଦୁର୍ଘଟନା ଘଟି ଧନ ଜୀବନ ହାନି ହେଉଛି। ଆଜି ସନ୍ଧ୍ୟାରେ ପୁଣି ପନ୍ଦର ନମ୍ବର ନିକଟରେ ଏକ ବାଇକ୍ ଆରୋହୀକ ଦୁର୍ଘଟଣା ରେ ମୃତ୍ୟୁ ହୋଇଚି। ମୃତକ ହେଉଛନ୍ତି ମହାକାଳ ପଡ ବେଲାରି ନୂଆଗାଁ ଅଞ୍ଚଳ ର ସରୋଜ ସାହୁ ଙ୍କ ପୁଅ ବଡ଼ ସୋମ୍ୟ ରଞ୍ଜନ (୨୪)। ସୌମ୍ୟ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତି ଯୋଗୁଁ ଭାରଶ୍ୟାମ ହରାଇ ଗଛ ସହ ପିଟି ହୋଇ ଯାଇଥିଲେ। ଦେବଦତ୍ତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଓ ସାଥୀମାନେ ଉଦ୍ଧାର କରି କୁଜଙ୍ଗ ମେଡିକାଲ ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥଲେ। ପ୍ରକାଶ ଯେ ଗତ ଜାନୁଆରୀ ୨୧ରେ ଏହି ରାସ୍ତାର ତେରମନପୂର୍ ନିକଟରେ ବିଶ୍ୱଳି ଗ୍ରାମ ର ଦୁଇ ଜଣ ଯୁବକ ମୃତ୍ୟୁ ବରଣ କରିଥିଲେ। ପ୍ରତି ଦିନ କିଛି ନା କିଛି ଦୁର୍ଘଟଣା ଯୋଗୁ ଧନ ଜିବନ ହାନି ହେଉଥିବା ବେଳେ ଏହି ରାସ୍ତା ଙ୍କୁ ତୁରନ୍ତ ଦୁଇ ଲେନ୍ ବିଶିଷ୍ଟ କରିବାକୁ ସମାଜସେବୀ ବୈଷ୍ଣବ ଚରଣ ଦାସ ଦାବି କରିଛନ୍ତି।

## ମାର୍କେଟିଂ କର୍ମଶାଳା ଓ କ୍ରେତା ବିକ୍ରେତା ସମ୍ମିଳନୀ

ଜଗତସିଂହପୁର, ୧୨(ସମିସ): ଜଗତସିଂହପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ ଓରମାସ ଦ୍ୱାରା ପ୍ରୋତ୍ସାହିତ ଜିଲ୍ଲାସ୍ତରୀୟ ମାର୍କେଟିଂ କର୍ମଶାଳା ଓ କ୍ରେତା ବିକ୍ରେତା ସମ୍ମିଳନୀ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଓରମାସ୍ ର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା ବୈଠକ ପରିଚାଳନା କରିଥିଲେ। ବୈଠକରେ ଓରମାସ୍ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜୟ କର ଉପସ୍ଥିତ ଥିଲେ। କର୍ମଶାଳାରେ ନାବାର୍ଡର ଏଜିଏମ୍, ଏବିଡିଓ, ସିଡିଏଓ, ଡିଏଫ୍‌ଓ, ଏଏଚ୍‌ଓ ଏବଂ ଓରମାସ୍, ମିଶନ ଶକ୍ତି ଓ ଓଏଲ୍‌ଏମ୍ ର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପିପିଏଲର ସିଏସଆର ମୁଖ୍ୟ, ଆଇଓସିଏଲର ସିଏସଆର ମୁଖ୍ୟ, ବୟନିକାମହାପ୍ରବନ୍ଧକ, ଉତ୍କଳିକାର ହସ୍ତଶିଳ୍ପ ପ୍ରୋତ୍ସାହନ ଅଧିକାରୀ, ଓଏଏସଏସଏମଇର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ଜିଲ୍ଲାର ୨୨ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ବଜାର ସଂଯୋଗ ବିକାଶ ଉପରେ ଧ୍ୟାନ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। କର୍ମଶାଳାରେ ଜିଲ୍ଲାର ପ୍ରାୟ ୬୦ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯେଉଁମାନେ ବିଭିନ୍ନ ସମ୍ଭାବ୍ୟ କୁଟୀର ଶିଳ୍ପ ସହିତ ଜଡିତ ଅଛନ୍ତି ସେମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରି ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଜିଲ୍ଲା ଉତ୍ପାଦ ତାଲିକାକୁ ବିଶିଷ୍ଟ ବ୍ୟକ୍ତିମାନେ ଉନ୍ମୋଚନ କରିଥିଲେ। ଏହି ତାଲିକାରେ ଜିଲ୍ଲାର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଉତ୍ପାଦର ବିବରଣୀ ରହିଛି। ଜିଲ୍ଲାର ବିଭିନ୍ନ ଉତ୍ପାଦକ ଗୋଷ୍ଠୀକୁ ଭିଜିଟିଂ କାର୍ଡ, ବିଲ୍ ବୁକ୍, ବ୍ୟାନର, ମୂଲ୍ୟ ଟ୍ୟାଗ୍ ଆଦି ବ୍ରାଣ୍ଡିଂ ସାମଗ୍ରୀ ବଣ୍ଟନ କରାଯାଇଥିଲା।



## ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଜୟନ୍ତୀ



ନାଉଗାଁ, ୧୨(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ସର୍ବ ପୁରାତନ ଅଲଣାହାଟ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଶତବାର୍ଷିକ ଜନ୍ମ ଜୟନ୍ତୀ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରସଂସଦର ସଭାପତି ପ୍ରକାଶ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ସଂସଦର କର୍ମକର୍ତ୍ତାମାନେ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଏକ ସାଧାରଣ ସଭାର ଆୟୋଜନ କରିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପାଢ଼ୀ, ଡାକ୍ତର ସର୍ବେଶ୍ୱର ପରିଡ଼ା, ଡାକ୍ତର ରାଖାଲ ରାୟ, ରବୀନ୍ଦ୍ର ପଟ୍ଟନାୟକ, ଡ.ଚାଇନା ପ୍ରଧାନ, ନିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆଚାର୍ଯ୍ୟଙ୍କ ସ୍ମୃତିଚାରଣ ସହ ତାଙ୍କ ରଚିତ ପ୍ରସିଦ୍ଧ 'ଷ୍ଟ୍ରକ୍‌ଚରାଲ ଆପ୍ରୋଚ୍ ଟୁ ଟ୍ରାନ୍ସଲେସନ୍, ହାଇସ୍କୁଲ ଗ୍ରାମାର' ବିଦ୍ୟାର୍ଥୀ ଅଭିଧାନ ଭଳି ବିଭିନ୍ନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ଲିଖନ ଭଳି ପ୍ରତିଯୋଗିତା କରାଯାଇଥିଲା। କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ପରିଚାଳନା କରିଥିଲେ।

## ନିରାଶ୍ରୟା ମହିଳାଙ୍କୁ ଜରାଶ୍ରମରେ ଥଇଥାନ

ତିର୍ତ୍ତୋଲ, ୧୨(ସମିସ): ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର ପଞ୍ଚାୟତ ସିରସ୍ତା ଗ୍ରାମରେ ନିରୁପମା ମଲ୍ଲିକ (୬୦) ଦୀର୍ଘଦିନ ଧରି ମଦ୍ୟପ ସ୍ୱାମୀଙ୍କ ଅକଥନୀୟ ଅତ୍ୟାଚାର ସହିନପାରି ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ନିରୁପମା ଥାନାକୁ ଆସିଥିବାବେଳେ ପୁଲିସ ହସ୍ତପେକ୍ଷ କରିନଥିଲେ। ନିରୁପାୟ ହୋଇ ବସି କାନ୍ଦୁଥିବାବେଳେ ଆନ୍ତର୍ଜାତିକ ମାନବାଧିକାର ପରିଷଦର କର୍ମୀ ଅଜୟ ମଲ୍ଲିକ ଓ ବିଜୟଲକ୍ଷ୍ମୀ ମଲ୍ଲିକଙ୍କ ଦୃଷ୍ଟିକୁ ଆସିଥିଲା। ପରିଷଦର ଜଗତସିଂହପୁର ଜିଲ୍ଲା ସଭାପତି ଇଂ ଗଗନ ବିହାରୀ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ନିରୁପମାଙ୍କୁ ନୂଆଗଡ଼ସ୍ଥିତ ସାଇରାମ ଜରାଶ୍ରମରେ ଥଇଥାନ କରାଯାଇଛି। ଜରାଶ୍ରମର ମୁଖ୍ୟ ଲୋଭା ବେହେରାଙ୍କ ତତ୍ତ୍ୱାବଧାନରେ ନିରୁପମା ଏବେ ଅବସ୍ଥାନ କରୁଛନ୍ତି।

## ତିର୍ତ୍ତୋଲରେ ମିଶନ ଶକ୍ତିର କବି ସମ୍ମିଳନୀ

ତିର୍ତ୍ତୋଲ, ୧୨(ସମିସ): ତିର୍ତ୍ତୋଲ ବ୍ଲକ ମିଶନ ଶକ୍ତି ଭବନରେ ଗୁରୁବାର ମହିଳା ସ୍ୱୟଂ ଗୋଷ୍ଠୀର ସଦସ୍ୟ ମାନଙ୍କ ପାଇଁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମାଳତୀ ମାରାଣ୍ଡି ଅଧ୍ୟକ୍ଷତା କରିଥିବାବେଳେ ମିଶନଶକ୍ତି ବ୍ଲକ ସଂଯୋଜକ ତ୍ରୈଲୋକ୍ୟ ମଲ୍ଲ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅତିଥି ମଣିଚରଣ ଶାରଳା ଏକାଡେମୀର ଓଡିଆ ବିଭାଗ ଶିକ୍ଷୟିତ୍ରୀ ମିନତୀ ସ୍ୱାଇଁ, ମିଶନଶକ୍ତି ବିପିଏମ କଳ୍ପନା ଦଳାଇ ଓଡିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରି ଓଡିଆ ଭାଷାର ପ୍ରଚାର ପ୍ରସାର ସହ ସୁରକ୍ଷା ଦିଗରେ ଯତ୍ନବାନ ହେବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧିନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିବା ବେଳେ ମିଶନ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ସମସ୍ତଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଫେଡେରେସନର ସଭ୍ୟ କବିତା ମିଶ୍ର, ସବିତା ଭାରତୀ, ଅନୁରାଧା ପୁହାଣ ଓ ସଦସ୍ୟ ମାନେ ସହଯୋଗ କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ବାଲିକୁଦା, ୧୨(ସମିସ): ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସାଗରିକା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁନନ୍ଦନ ଦାସ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି, ଜିଲାପରିଷଦ ରୁନିଲତା ବେହେରା, ତଟିନା ସ୍ୱାଇଁ, ଡଲି ପଣ୍ଡା, ବିଜେଡି ଜିଲ୍ଲା ଯୁବ ସଭାପତି ସୌମ୍ୟଜିତ ମହାପାତ୍ର, ବୋରିକିନା ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଜେଶ କୁମାର ରାଉତ, ଗୀତାଞ୍ଜଳି ସାହୁ, ସମିତି ସଭ୍ୟ ସମରେନ ରାୟ, ସରପଞ୍ଚ ପ୍ରତିନିଧି ସମୀର କୁମାର ପରିଡ଼ା, ପଞ୍ଚାୟତ ଅଧିକାରୀ ଶ୍ରୀମନ ନାରାୟଣ ଦାଶ, ଜିଆରଏସ ଉଲାସ ଚନ୍ଦ୍ର ଦାସଙ୍କ ସହ ସମସ୍ତ ପଞ୍ଚାୟତ ସରପଞ୍ଚ ମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ଥିବା ଲୋକ ମାନଙ୍କୁ ସଚେତନ କରାଇଥିଲେ।



## 'ଆମ ଓଡ଼ିଶା ନବୀନ୍ ଓଡ଼ିଶା' ସଚେତନ କାର୍ଯ୍ୟକ୍ରମ




ନାଉଗାଁ, ୧୨ (ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାଂଶ ପଞ୍ଚାୟତ ଘୋଡେଶ୍ୱରଙ୍କ ନିକଟରେ ରାଜ୍ୟ ସରକାରଙ୍କ ମୋ ଓଡ଼ିଶା ନବୀନ୍ ଓଡ଼ିଶାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିହାର ରଞ୍ଜନ ବସ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ତପନ କୁମାର ମହାପତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥିଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ପଞ୍ଚାୟତ ସମିତିସଭ୍ୟ ତରୁଣକାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ନୃତ୍ୟ ଓ ଗୀତ ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡିକ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ପଦ୍ମପୁରରେ ବ୍ଲକସ୍ତରୀୟ କୈବର୍ତ୍ତ ସମାବେଶ

ଏରସମା, ୧୨(ସମିସ): ଆଜି ଏରସମା ବ୍ଲକ ପଦ୍ମପୁର କେନ୍ଦୁ ମଠଠାରେ ଆଉ ଏକ କୈବର୍ତ୍ତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି କାଳନ୍ଦୀ ବେହେରାଙ୍କ ଆବାହନରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଭାପତି ତଥା ରାଜ୍ୟ ନିଖିଳ ଓଡ଼ିଶା କୈବର୍ତ୍ତ ସଂଘ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରହଲ୍ଲାଦ ବେହେରା, ମୁଖ୍ୟବକ୍ତା ପ୍ରସନ୍ନ କୁମାର ବେହେରା, ଦିଲ୍ଲୀପ କୁମାର ବେହେରା, ଅକ୍ଷୟ କୁମାର ବେହେରା, ଅମର କୁମାର ଦାସ, ମନୋରଞ୍ଜନ ଦଳାଇ, ବଂଶୀଧର ଦାସ, ମିହିର ବେହେରା, ବ୍ଲକ ମୁଖ୍ୟ ଉପଦେଷ୍ଟା ବିଜୟ ଖଟୁଆ ଓ ଆୟୋଜକ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଜିଲ୍ଲାର ପ୍ରତି ବ୍ଲକରେ ସମାବେଶ ହେବା ସହ ସରକାରଙ୍କ ପାଖରେ ଜାତିର ଅନେକ ମୌଳିକ ସମସ୍ୟା ଦାବି ରଖାଯିବ ବୋଲି ପ୍ରକାଶ କରିଥିଲେ। ଦାବି ନେଇ ଉପସ୍ଥିତ ସମସ୍ତ କୈବର୍ତ୍ତ ଭାଇ ମାନଙ୍କ ସହ ଆଲୋଚନା ପରେ ଏହା ଆଗାମୀ ଦିନରେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଜିକାର ସମାବେଶରେ ସ୍ଥିର କରାଯାଇଛି। ଏରସମା ବ୍ଲକର ପ୍ରତି ଗ୍ରାମରେ ଥିବା କୈବର୍ତ୍ତ ସମାଜର ଶହ ଶହ ଜାତି ଭାଇ ଏହି ସମାବେଶ ରେ ଯୋଗ ଦେଇ ମତ ରଖିଥିଲେ। ସଭାପତି ପ୍ରହଲ୍ଲାଦ ବେହେରା ଆଗାମୀ ଦିନରେ ସରକାରଙ୍କ ସହ ଆଲୋଚନା କରି ସମସ୍ତ ଜାତିଭାଇ ମାନଙ୍କ ସମସ୍ୟାର୍ ସରଳ ସମାଧାନ ଦିଗରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।




# ପାରାଦୀପ ବନ୍ଦରର ଅବିଶ୍ୱସନୀୟ ରେକର୍ଡ

ପାରାଦୀପ, ୧୨(ସମିସ):

ପାରାଦୀପ ବନ୍ଦର ଚଳିତ ବର୍ଷ ଜାନୁଆରୀ ମାସରେ ଅବିଶ୍ୱସନୀୟ ପରିମାଣର ମାସିକ କାରଗୋ ପରିଚାଳନା କରି ପ୍ରମୁଖ ବନ୍ଦର ଇତିହାସରେ ରେକର୍ଡ ସୃଷ୍ଟି କରିପାରିଛି। ଦେଶର ପ୍ରମୁଖ ବନ୍ଦର ଇତିହାସରେ ୧୪.୩୨ ମିଲିୟନ ମେଟ୍ରିକ ଟନ କାରଗୋ ପରିଚାଳନା କରି ପାରିଛି। ମାର୍ଚ୍ଚ ୨୦୨୩ରେ ଏହା ୧୩.୫ ମିଲିୟନ ମେଟ୍ରିକ ଟନ୍ କାରଗୋ ହାସଲ କରିପାରିଥିଲା। ଏଥିପାଇଁ ଅଧ୍ୟକ୍ଷ ପି ଏଲ ହାରନାଦ ପାରାଦୀପ ବନ୍ଦରର ସମସ୍ତ ଅଧିକାରୀ ଓ ଅନ୍ୟାନ୍ୟ ବ୍ୟବହାରକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଜିଙ୍କୁ ଅଧ୍ୟକ୍ଷ କୃତଜ୍ଞତା ଜଣାଇଛନ୍ତି। ଯାହାଙ୍କ ନେତୃତ୍ୱ ତଥା ମାର୍ଗଦର୍ଶନରେ ପାରାଦୀପ ବନ୍ଦର ଦେଶରେ ପ୍ରମୁଖ ବନ୍ଦର ଇତିହାସରେ ସର୍ବାଧିକ ମାସିକ କାରଗୋ ପରିଚାଳନା କରି ପାରିଛି। ଏହିକ୍ରମରେ ଅଧ୍ୟକ୍ଷ ମହୋଦୟ, ଉପାଧ୍ୟକ୍ଷ ମହୋଦୟ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବନ୍ଦର କାର୍ଯ୍ୟାଳୟରେ କେକ କାଟି ଖୁସି ମନାଇଥିଲେ। ଚଳିତ ଆର୍ଥିକ ବର୍ଷରେ ଜାନୁଆରୀ ଶେଷ ପର୍ଯ୍ୟନ୍ତ ପରିଚାଳିତ କାରଗୋ ୧୧୯.୮୫ ମିଲିୟନ ମେଟ୍ରିକ ଟନ ହାସଲ କରାଯାଇ ପାରିଛି। ଯାହା ତୁଳନାରେ ଗତ ଆର୍ଥିକ ବର୍ଷର ୧୦୯.୨୮ ମିଲିୟନ ମେଟ୍ରିକ ଟନ ଠାରୁ ଢେର ଅଧିକ। ୫୩.୩୨ ମିଲିୟନ ମେଟ୍ରିକ୍‌ଟନ ସମୁଦାୟ କାରଗୋ ଭଲ୍ୟୁମ୍‌ର ପ୍ରାୟ ୪୪.୪୯ ଶତକଡା ଅଟେ। ଯାହା ଦେଶର ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବାଧିକ। ପୂର୍ବବର୍ଷର ଅନୁରୂପ ଅବଧି ମଧ୍ୟରେ ପାରାଦୀପ ବନ୍ଦର ଦେଶର ଏକ ଉପକୂଳ ସିପିଙ୍ଗ ହବ ଭାବେ ଉଭା ହୋଇପାରିଛି। ଆଗକୁ ପଶ୍ଚିମ ଉପକୂଳକୁ ଥର୍ମାଲ କୋଇଲା ପଠାଇବା ପାଇଁ ଆରମ୍ଭ କରିଛି। ଏହିଭଳି କାର୍ଯ୍ୟ ପାଇଁ ବନ୍ଦରର ପ୍ରତିବଦ୍ଧତା କାରଗୋ ପରିଚାଳନାର ରଣନୀତିକୁ ଉନ୍ନତି କରି ସମସ୍ତ ଆବଶ୍ୟକତା ପୂରଣ କରିଥିବାରୁ ବନ୍ଦର ଅଧ୍ୟକ୍ଷ ସମସ୍ତଙ୍କୁ ସ୍ୱାଗତ କରିଛନ୍ତି।





ବିଧାୟକ ବ୍ରଜ ପ୍ରଧାନଙ୍କ ନେତୃତ୍ୱରେ ଅନୁଗୋଳ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ '୫-ଟି' ସଚିବ ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନବୀନ ନିବାସରେ ସାକ୍ଷାତ କରୁଛନ୍ତି।

# ପାଲଲହଡ଼ା ଡାକ୍ତରଖାନାରେ ମାଗଣା ଡାଏଲିସିସ୍ କେନ୍ଦ୍ର ଉଦ୍‌ଘାଟିତ

**ପାଲଲହଡ଼ା, ୧।୨(ସମିସ):** ଚିକିତ୍ସା କ୍ଷେତ୍ରରେ ପାଲଲହଡ଼ା ଉପଖଣ୍ଡରେ ଯୋଡ଼ାହେଲା ନୂଆ ଅଧ୍ୟାୟ। ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ଠାରେ ନୂଆ ମାଗଣା ଡାୟାଲିସିସ କେନ୍ଦ୍ରକୁ ଭର୍ଚୁଆଲ ମୋଡ଼ରେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ସେବା ଆରମ୍ଭ ହେବା ଦ୍ୱାରା ଉପକୃତ ହେବେ ପାଲଲହଡ଼ା ଉପଖଣ୍ଡ ସମେତ ଦେବଗଡ଼ର ବାରକୋଟ ବ୍ଲକ ଏବଂ କେନ୍ଦୁଝରର ସୀମାନ୍ତ ତେଲକୋଇ ଅଞ୍ଚଳର ସମସ୍ତ କିଡନୀ ରୋଗୀ। ଓଡିଶାବାସୀ ମୋ ପରିବାର, ମୋ ପରିବାରବର୍ଗଙ୍କ ପାଇଁ ନିଜ ହାତପାଆନ୍ତାରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ମୋ ସରକାରର ପ୍ରଥମ ଲକ୍ଷ୍ୟ ବୋଲି ନିଜ ଭାଷଣରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଉଦଘାଟନୀ ଉତ୍ସବରେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ଅନୁଗୋଳ ଜିଲ୍ଲାପାଳ ମହମ୍ମଦ ଅବ୍ଦାଲ ଅକ୍ଷତାରଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ ଓ ସମସ୍ତ ଉପଖଣ୍ଡ ସ୍ତରର ଅଧିକାରୀ ଉପସ୍ଥିତ ଥିଲେ।





# ଜଗନ୍ନାଥ ମନ୍ଦିର ହୁଣ୍ଡି ଚୋରି ଅଭିଯୋଗରେ ୪ଗିରଫ

**ଗଁଦିଆ, ୧।୨ (ସମିସ) :** ଜଗନ୍ନାଥ ମନ୍ଦିରର ହୁଣ୍ଡି ଚୋରି ଅଭିଯୋଗରେ ଗଁଦିଆ ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗଁଦିଆ ଥାନା ଅନ୍ତର୍ଗତ ସନ୍ତପୁର ଗ୍ରାମରେ ଥିବା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଦୁଇଟି ହୁଣ୍ଡିରୁ ଦୁର୍ବୃତ୍ତମାନେ ଏକ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଦାନ ଅର୍ଥ ନେବା ସହିତ ଅନ୍ୟ ଏକ ହୁଣ୍ଡିକୁ ତାଡ଼ି ନେଇଥିଲେ। ତାହାକୁ ଏକ ଯୋର ପାଣିରେ ବୁଡାଇ ଦେଇଥିଲେ। ଏହି ଚୋରି ଘଟଣା ଜଣାପଡ଼ିଲା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ହୋଇଛି। ମନ୍ଦିରରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଗଁଦିଆ ଥାନ ଦାୟିତ୍ୱରେ ଥିବା ଅଧିକାରୀ ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ ପୁଲିସ ଛାନଭିନ କରି ଏଥିରେ ସମ୍ପୃକ୍ତ ଥିବା ମୁଖ୍ୟ ଆସାମୀ ବଜୁରିଆ ଗ୍ରାମର ଯୁଗଳ ପ୍ରଧାନ (୩୦), ବାଲିଯୋରନ୍ଦା ଗ୍ରାମର ସୁବାସ ରାଉତ (୨୮), ଯୋରନ୍ଦା ଗ୍ରାମର ଜାପାନୀ ବାରିକ (୪୦) ଓ ବଜୁରିଆ ଗ୍ରାମର ନିରଞ୍ଜନ ଗୋଛାୟତ (୪୦)କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।

# ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟକ୍ରମର ଶୁଭାରମ୍ଭ



**ବଅଁରପାଳ,୧।୨(ସମିସ):** ବଅଁରପାଳ ବ୍ଲକ ଅନ୍ତର୍ଗତ ଗଡ଼ସନ୍ତ୍ରୀ ପଞ୍ଚାୟତରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଆଜି ଭାରତ୍ ସ୍କାଉଟ୍ ଓ ଗାଇଡର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଟ୍ରେନିଂ କମିଶନର ମିଷ୍ଟର ସତ୍ୟାନନ୍ଦ ରାଉତ, ଜିଲ୍ଲା ଅର୍ଗାନାଇଜେସନ କମିଶନ ଅଭିପ୍ସା ପ୍ରିୟଦର୍ଶିନୀ ସେନାପତି, ନେହେରୁ ହାଇସ୍କୁଲ ପ୍ରଧାନଶିକ୍ଷକ ଶ୍ରୀଧର ଗଡ଼ନାୟକଙ୍କୁ ବିଦ୍ୟାଳୟ ତରଫରୁ ସ୍ୱାଗତ କରାଯାଇଥିଲା। ଏଥିରେ ନୂତନ ଭାବରେ ୩୨ ଜଣଙ୍କୁ ମନୋନୀତ କରାଯାଇଛି। ପ୍ରାରମ୍ଭରେ ଭାରତ ସ୍କାଉଟ ଓ ଗାଇଡ୍ର ପତାକା ଉତ୍ତୋଳନ କରି ଭାରତ୍ ସ୍କାଉଟ୍ ଓ ଗାଇଡର ପ୍ରାର୍ଥନା ଏବଂ ସଙ୍ଗୀତ ଗାନ କରାଯାଇଥିଲା। ପରିଶେଷରେ ଜାତୀୟ ସଙ୍ଗୀତ ଗାନ କରି ଧ୍ୱଜାକୁ ଅବତରଣ କରି କାର୍ଯ୍ୟକ୍ରମକୁ ପରି ସମାପ୍ତି କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସୁନୀତା କୁମାରୀ ଛାନ୍ଦ, ଅନନ୍ତ କୁମାର ଛାନ୍ଦ, ସୁମନ୍ତ କୁମାର ସାହୁ, ରଶ୍ମିତା ବେହେରା, ଅଭିଷେକ ପତି, କାର୍ତ୍ତିକ କୁମାର ସାହୁ ଓ ହିନ୍ଦୀ ଶିକ୍ଷକ ସରୋଜ କୁମାର ଭୋଇ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଶ୍ରମିକ ମୃତ

**ଭୁବନ, ୧।୨(ସମିସ):** ଜାତୀୟ ରାଜପଥ ୫୩ର ପୁବଳଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ବାଉଁଶକଣ ଗ୍ରାମରୁ ସଞ୍ଜୟ ପାଣିଗ୍ରାହୀ (୫୪)ସାଇକଲ ଯୋଗେ ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଟାଟା କାରଖାନାକୁ ଯାଉଥିଲେ। ଭୁବନ ପଟରୁ ଦ୍ରୁତ ଗତିରେ ଯାଉଥିବା ଏକ ଅଜଣା ଗାଡ଼ି ଧକ୍କାଦେଇ ଚାଲିଯାଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଭୁବନ ଡ଼ାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁକିନ୍ଦା ଥାନାରେ ଏତଲା ଦେବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି।

# ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୧।୨ (ସମିସ):** ସଦର ବ୍ଲକ ଅନ୍ତର୍ଗତ ବୋରାପଦା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ମିଶ୍ର, ମୁକ୍ତାଦେଇପୁର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା ମିଶ୍ର ଓ କୃଷ୍ଣକୁମାରପୁର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନାରାୟଣ ଦେହୁରୀ ଜାନୁଆରୀ ୩୧ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଫାଇନାଲ୍ ପେନସନ୍ କାଗଜ ପ୍ରଦାନ କରି ବିଇଓ ସମ୍ବର୍ଦ୍ଧିତ କରିଥିଲେ। ଏହା ସଦର ବ୍ଲକ ଓ ଜିଲ୍ଲା ଶିକ୍ଷା ଇତିହାସରେ ପ୍ରଥମ ଘଟଣା।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ମହାବିରୋଡ଼, ୧।୨ (ସମିସ) :** କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଗଡ଼ପଳାଶୁଣି ବାପୁଜି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ୧୦୩ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା ଲକି ବିଶ୍ୱାଳ ଓ ରଶ୍ମିତା ସାମଲ ତିନୋଟି ଗ୍ରୁପରେ ବିଭକ୍ତ କରି ତାଲିମ୍ ପ୍ରଦାନ କରୁଥିଲେ। ଶୃଙ୍ଖଳାର ସହିତ ଛାତ୍ରୀମାନେ ତାଲିମ ଗ୍ରହଣ କରିଥିବା କାରଣରୁ ସମସ୍ତ ଛାତ୍ରୀ, ପ୍ରଶିକ୍ଷିକାଙ୍କୁ ସଂଯୋଜକ କ୍ରୀଡ଼ା ଶିକ୍ଷକ ଅଜୟ କୁମାର ପରିଡ଼ା ପ୍ରଶଂସା କରିଥିଲେ।

# କମଳେଶ୍ୱରଙ୍କ ମାଘ ସପ୍ତମୀ ମେଳା ଆରମ୍ଭ



**ଢେଙ୍କାନାଳ, ୧।୨(ସମିସ) :** ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା କମଳାଙ୍କ ଗ୍ରାମରେ ଥିବା ଶ୍ରୀ ଶ୍ରୀ କମଳେଶ୍ୱର ବାବାଙ୍କ ମାଘ ସପ୍ତମୀ ମେଳା ଆରମ୍ଭ ହୋଇଛି। ଗ୍ରାମରୁ ଆରଧ ଦେବୀ ମା' ଦୁର୍ଗାଙ୍କ ନିକଟରେ ପୂଜା ଅର୍ଚ୍ଚନା ହୋଇ ପବିତ୍ର ବ୍ରହ୍ମଣୀ ନଦୀରୁ କଳସ ଅଣାଯାଇ ପ୍ରଭୁ ଶ୍ରୀ କମଳେଶ୍ୱରଙ୍କ ପୂଜା ଅର୍ଚ୍ଚନା ହୋଇଥାଏ ଏବଂ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପ୍ରଭୁଙ୍କୁ ନିଆଯାଏ। ଏହି ଯାତ୍ରା କିପରି ଶୃଙ୍ଖଳିତ ହେବ, ସେନେଇ ପୁଲିସ ଓ କମିଟି ମଧ୍ୟରେ ଆଲୋଚନା ହୋଇ ବିଶୃଙ୍ଖଳିତକାରୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଥାନା ଅଧିକାରିଣୀ କହିଛନ୍ତି। ଏହି ଯାତ୍ରା ୪ ଦିନ ଧରି ଅନୁଷ୍ଠିତ ହେବ ବୋଲି ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ପ୍ରକାଶ କରିଛନ୍ତି।

# 'ନୂଆ – ଓ' ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ଅନୁଗୋଳ, ୧।୨(ସମିସ):** ଗୁରୁବାର ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅନୁଗୋଳର ମିଳିତ ସହଯୋଗରେ 'ନୂଆ – ଓ' କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଥମ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀର ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ଼. ଗଙ୍ଗାଧର କର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ସର ଓ ପ୍ରାକ୍ତନ ପ୍ରାଧ୍ୟାପକ ଡ଼. କୁମୁଦ ଚନ୍ଦ୍ର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଉପଦେଷ୍ଟା ଡ଼. କାହ୍ନୁ ଚରଣ ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ନୋଡାଲ ଅଫିସର ପ୍ରଫେସର ଡ଼. ମନୋରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ଼. ସୁରେଶ ଚନ୍ଦ୍ର ରାଜହଂସ କାର୍ଯ୍ୟକ୍ରମର ବିବରଣୀ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଓଡ଼ିଆ ଭାଷାର ଉତ୍ପତ୍ତି, ଶାସ୍ତ୍ରୀୟତା ଓ ବିଶେଷତ୍ୱ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଡ଼. କୁମୁଦ ଚନ୍ଦ୍ର ଦାଶ, ଅନ୍ୟତମ ସମ୍ମାନିତ ଅତିଥି ଡ଼. ଶାନ୍ତନୁ କୁମାର ସର ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ବିଭୂତି ଭୂଷଣ ମହାପାତ୍ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ସଂସ୍କୃତି ପ୍ରତି ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କବିୟତ୍ରୀ ଇନ୍ଦିରା ଦାସ, ଡ. ରମାମଞ୍ଜରୀ ଗଡ଼ନାୟକ ଯୋଗ ଦେଇଥିଲେ। କ୍ୟାପଟେନ ଅଭିମନ୍ୟୁ ଦାସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଶୃଙ୍ଖଳା ରକ୍ଷା କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂଯୋଜକ ଡ଼. ଅଭିମନ୍ୟୁ ବର୍ଗତ୍ତୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ।

# ମିଶନ ଶକ୍ତି କାଫେ ବୁଲିଲେ ନୂତନ ଜିଲ୍ଲାପାଳ




**ପାଲଲହଡ଼ା, ୧।୨(ସମିସ):** ଗୁରୁବାର କାର୍ଯ୍ୟରେ ନୂତନ ଭାବେ ଯୋଗ ଦେଇଥିବା ଅନୁଗୋଳ ଜିଲ୍ଲାପାଳ ମହମଦ ଅବଦୁଲ ଅଖତର ଦିନିକିଆ ପାଲଲହଡ଼ା ଉପଖଣ୍ଡ ଗସ୍ତରେ ଆସି ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ମାଗଣା ଡାୟାଲିସିସ୍ କେନ୍ଦ୍ରର ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବାବେଳେ, ଉପଖଣ୍ଡ ସଦର ମହକୁମା ସ୍ଥିତ ମିଶନ ଶକ୍ତି କାଫେ ବୁଲି ଦେଖିଥିଲେ। ମିଶନ ଶକ୍ତି କାଫେରେ ମାଣ୍ଡିଆରେ ପ୍ରସ୍ତୁତ କାକରା ପିଠା ଖାଇଥିଲେ ଏବଂ ମିଶନ ଶକ୍ତି କର୍ମକର୍ତ୍ତା ଏବଂ ଏସଏଚଜି ମହିଳା ମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ବିଧାୟକ ମୁକେଶ କୁମାର ପାଲ ଓ ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ତଥା ଅନ୍ୟ ଅଧିକାରୀଙ୍କ ସହିତ ଉପଖଣ୍ଡର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

# ମହାରାଜା ସୋମନାଥ ସିଂହ ଜଗଦେବଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଅନୁଗୋଳ ୧।୨(ସମିସ):** ମହାରାଜା ସୋମନାଥ ସିଂହ ଜଗଦେବ ସ୍ମୃତି କମିଟି ଓ ପୌରପାଳିକା ଅନୁଗୋଳଙ୍କ ମିଳିତ ଉଦ୍ୟମରେ ମହାରାଜାଙ୍କ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଓ ତାଳଚେରର ରାଜଗୁରୁ ଗୋବିନ୍ଦ ରାଜଗୁରୁଙ୍କ ନେତୃତ୍ୱରେ ପୂଜନ ଓ ମନ୍ତ୍ର ଉଚ୍ଚାରଣ ପୂର୍ବକ ଅନୁଗୋଳ ମହାରାଜା ରୁଦ୍ରନାରାୟଣ ଜଗଦେବ ଓ ସ୍ମୃତି କମିଟିର ଉପସଭାପତି ପ୍ରାକ୍ତନ ଜିଲ୍ଲାପାଳ, ପୁରୀ ଶଙ୍କରାଚାର୍ଯ୍ୟ ପିଠ ପରିଷଦର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ଅନୁଗୋଳ ଜଗନ୍ନାଥ ମନ୍ଦିରର ସଂପାଦକ ହେମନ୍ତ କୁମାର ଦାଶ, ସ୍ମୃତି କମିଟିର ସଂପାଦକ ବନବିହାରୀ ପଟ୍ଟନାୟକ, ସ୍ମୃତି କମିଟିର କୋଷାଧ୍ୟକ୍ଷ ହେମନ୍ତ କୁମାର ଦାସ ପ୍ରମୁଖ ରାଜାଛକସ୍ଥ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିନିଧି ଦାମୋଦର ଦାସ, ଡାଃ ସତ୍ୟ ନାରାୟଣ ସିଂହସାମନ୍ତ, କାର୍ତ୍ତିକେଶ୍ୱର ଦାଶ, ଅଚ୍ୟୁତାନନ୍ଦ ମିଶ୍ର, ରବିନ୍ଦ୍ର କୁମାର ଧର, ଲମ୍ବୋଦର ବେହେରା, ସିଦ୍ଧାର୍ଥ ପ୍ରଧାନ, ସୁବ୍ରତ କୁମାର ପ୍ରଧାନ, ତ୍ରିନାଥ ଗଡନାୟକ, ଅକ୍ଷୟ କୁମାର ସିଂହ, ରୋହିତ କୁମାର ବେହେରା, ପ୍ରଫେସର ବିଶ୍ୱଭୂଷଣ ମହାପାତ୍ର, ପ୍ରଫେସର ବିଶ୍ୱରଞ୍ଜନ ପ୍ରଧାନ, କବିଜ୍ୟୋତି ନିରଞ୍ଜନ ପତି, ଯଜ୍ଞେଶ୍ୱର ପ୍ରଧାନ, ଗୀତାମୟୀ ମହାପାତ୍ର, ସଂଗ୍ରାମକେଶରୀ ବୀର, ଦୟାନିଧି ଦାସ ଓ ନବକିଶୋର ସିଂହ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ।

# ଗଁଦିଆରେ ହାତୀ ଆତଙ୍କ

**ଗଁଦିଆ, ୧।୨ (ସମିସ) :** ଗଁଦିଆ ବ୍ଲକର ମୁଖ୍ୟ କେନ୍ଦ୍ର ଗଁଦିଆ ଓ ତା'ର ଆଖପାଖ ଗ୍ରାମରେ ହାତୀମାନଙ୍କ ପାର୍ଦୁର୍ଭାବ ଦେଖିବାକୁ ମିଳୁଛି। ଧାନ କ୍ଷେତରେ ଅମଳ ଶେଷ ହୋଇଥିବାରୁ ଖାଦ୍ୟ ଅନ୍ୱେଷଣରେ ହାତୀପଲ ସିଧାସଳଖ ଗ୍ରାମମୁଖି ହୋଇଥିବା ଦେଖାଯାଇଛି। ମେଡିକାଲ ଛକ ଠାରେ ଥିବା ଶ୍ରୀରାମଚନ୍ଦ୍ରପୁର ଗ୍ରାମର କାଜୁ ଜଙ୍ଗଲ ମଧ୍ୟରେ ଏବେ ଗୋଟିଏ ଦନ୍ତା ହାତୀ ବୁଲୁଛି। ବିଶେଷ କରି ଗନ୍ଦିଆ, ଶ୍ରୀରାମଚନ୍ଦ୍ରପୁର, ମଠତେନ୍ତୁଳିଆ, ଅରାଛୁଆ ଆକୁର୍ଦା, ବଙ୍ଗୋଲୋ, ଇଲେଇଜଙ୍ଗ ଆଦି ଗ୍ରାମର ବ୍ୟାପକ ଘର, ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ଏଠାକାର ଜନସାଧାରଣମାନଙ୍କୁ ସୁରକ୍ଷା ଦେବାକୁ ବନ ବିଭାଗ ପଦକ୍ଷେପ ନେବାକୁ ଦାବି ହେଉଛି।

# ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ମାର୍ଥାପୁର, ୧।୨ (ସମିସ) : ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୨୮ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସରସ୍ୱତୀ ବିଦ୍ୟାମନ୍ଦିରର ସମ୍ପାଦକ ମୁରଲୀଧର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ମୁଖ୍ୟ ବକ୍ତା ଭାବେ ବ୍ରହ୍ମଚାରୀ ପୂଜ୍ୟସ୍ୱଦ ସନ୍ତୋଷ ଚୈତନ୍ୟ ଜି ମହାରାଜ, ଅନୁଷ୍ଠାନର ସଭାପତି ହରହରି ମିଶ୍ର, ପ୍ରଧାନ ଆଚାର୍ଯ୍ୟ ମମତା ମିଶ୍ର ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ ପରେ କୁନିକୁନି ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ମଣ୍ଡାପାଳ ଚିକିତ୍ସାଳୟର ଅବସ୍ଥା ସୁଧୁରିବ କେବେ ?

# ଚକାଚକ୍ କୋଠା, ମାତ୍ର ରୋଗୀ ହୀନସ୍ତା

**ତାଳଚେର, ୧।୨(ସମିସ):** ଶିଳ୍ପନଗରୀ ତାଳଚେରର ଏକମାତ୍ର ବହୁପୁରାତନ ସରକାରୀ ମଣ୍ଡାପାଳ ଚିକିତ୍ସାଳୟ ଉପରେ ଆଖପାଖ ରୋଗୀମାନେ ନିର୍ଭର କରିଥାନ୍ତି। ବିଗତବର୍ଷରେ ଡ଼ାକ୍ତରଙ୍କ ଅନୁପସ୍ଥିତି ଓ ଚିକିତ୍ସାଳୟର ଦୁରବସ୍ଥା ଯୋଗୁଁ ଏଠାରୁ ରୋଗୀ ମୁହଁ ଫେରାଇବାକୁ ବାଧ୍ୟ ହେଉଛନ୍ତି। ମାତ୍ର ଏଇ କିଛିମାସ ହେବ କିଛି ହାତଗଣତି ଡ଼ାକ୍ତର ଚିକିତ୍ସାଳୟରେ ଯୋଗଦେବା ପରେ ଦୈନିକ ପ୍ରାୟ ୪ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। କୋଟି କୋଟି ଟଙ୍କା ଖର୍ଚ୍ଚ ବିନିମୟରେ କୋଠା ଉପରେ କୋଠା ନିର୍ମାଣ କରି ନୀଳ, କଳା ରଙ୍ଗବୋଳି ତଳେ ଟାଇଲସ୍ ବିଛାଯାଇ ଚିକ୍କଣ କରାଯାଉଥିବା ବେଳେ ଅଦ୍ୟାବଧି ରୋଗୀଙ୍କ ଖଟିଆରେ ବେଡସିଟ୍ ଖଣ୍ଡେ ମଧ୍ୟ ପଡୁ ନାହିଁ ବୋଲି ଅଭିଯୋଗ ହୋଇଛି। ହେଲପ ଲାଇନ ଗୃହ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହା କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ଉଠିଛି। ୧୦୨ ଶଯ୍ୟା ବିଶିଷ୍ଟ ଏହି ପୁରାତନ ଚିକିତ୍ସାଳୟରେ ଆବଶ୍ୟକତାଠାରୁ ଡାକ୍ତର ସଂଖ୍ୟା କମ ରହୁଥିବା ବେଳେ ଅପରାହ୍ଣର ଡାକ୍ତର ଠିକଭାବେ କାର୍ଯ୍ୟ କରୁ ନଥିବାରୁ ଆସୁଥିବା ରୋଗୀଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତିତ କରିଦିଆଯାଇ ଦାୟିତ୍ୱ ନିଜ ଉପରୁ ଖସାଇ ଦେଇଥାନ୍ତି ବୋଲି ଅଭିଯୋଗ ହେଉଛି। ଉକ୍ତ ଚିକିତ୍ସାଳୟରେ ସର୍ଜରୀ ୨ଜଣ, ସ୍ତ୍ରୀ ପ୍ରସୂତୀ ବିଭାଗ ୨ଜଣ, ଚକ୍ଷୁ ଜଣେ, ଅସ୍ଥିଶଲ୍ୟ ଜଣେ, ଶିଶୁ ବିଭାଗ ଜଣେ, ନିଶ୍ଚେତକ ଜଣେ, ଦାନ୍ତ ବିଭାଗ ଜଣେ ଓ ଏମବିଏଏସ୍ ଡାକ୍ତର ୨ଜଣ ଏପରି ସର୍ବମୋଟ ୧୧ଜଣ ଡାକ୍ତର କାର୍ଯ୍ୟ କରିଥାନ୍ତି। ଆଉ କିଛି ବିଭିନ୍ନ ବିଶେଷଜ୍ଞ, ମେସିନ୍ ଚଳାଇବାକୁ ଅପରେଟର୍, ଟେକ୍ନିସିଆନ୍ ଯୋଗାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିଭଳି ଅଲଟ୍ରା ସାଉଣ୍ଡ ମେସିନ୍ ପାଇଁ ପରମିଶନ୍ ହୋଇପାରି ନଥିବାରୁ ଏହା କାର୍ଯ୍ୟକ୍ଷମ ନହୋଇ ପଡ଼ରହିଥିବା ବେଳେ ଇସିଜି ମେସିନ୍ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁନି ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି। ତେବେ ଏହି ସମସ୍ୟା ବିଚରାକୁ ନେଇ ନୂତନ ଅନୁଗୋଳ ଜିଲ୍ଲାପାଳ ଏଥିପ୍ରତି ଧ୍ୟାନଦେବାକୁ ଦାବି ହେଉଛି।



